# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା - ଆମେରିକା ସାରସ୍ୱତ ସଂଘ

ଅକ୍ଷୟ ତୃତୀୟା ବିଶେଷ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୫-୧୩-୧୩ **ସମୟ** - ସଂଧ୍ୟା ୮:୧୫-୧୦:୦୦ (ET) ପାଳିଆ - ସ୍ମିତା ରା· ମା'

***Phone Number - (605) 475-6700, Access Code: 5119579#, Backup Number - (218) 936-1200, Access Code: 52924878***

| **Time (ET)** | **ସନ୍ଧ୍ୟା ଅଧିବେଶନ (ସନ୍ଧ୍ୟା ୮:୧୫ ରୁ ୧୦:୦୦)** | **Evening session (8:15pm - 10:00pm)** |
|---|---|---|
| 8:15 – 8:23 | ପ୍ରତୀକ୍ଷା - ଏତେ ଦିନେ ସତେ ଆଜି — ସ୍ମିତା ବାଇ ମା' | Prateekshaa – Ete Dine Sate Aaji — Smita Bai Maa |
| 8:23 – 8:30 | ପ୍ରତୀକ୍ଷା - ବଜାଅ ଶଙ୍ଖ ମହୁରୀ ବିଜୟ କାହାଳୀ ଲୋ — ସୁଧାଂଶୁବାଳା ମା' | Prateekshaa – Bajaaa Sankha Mahuri Bijaya Kahali Lo — Sudhansubala Maa |
| 8:30 – 8:45 | ଆରତି — ବିଜୟ ଭାଇ | Aarati — Bijoy Bhai |
| 8:45 – 8:55 | ବନ୍ଦନା - ଗୁରୁ ନାରାୟଣ — ବୃନ୍ଦାବନ ଭାଇ | Bandanaa - Guru NaaraayaNa — Brundaban Bhai |
| 8:55 – 9:05 | ସ୍ତୋତ୍ର ବନ୍ଦନା — ଜ୍ଞାନ ଭାଇ | Stotra Bandanaa — Gyan Bhai |
| 9:05 – 10:20 | ବନ୍ଦନା - କୋଟି ପୁନ୍ୟ ବଳେ — ବୃନ୍ଦାବନ ଭାଇ | Bandana – Koti Punya Bale — Brundaban Bhai |
| | ନିଗମ ଉପଦେଶ (ଅକ୍ଷୟ ତୃତୀୟାରେ ଉପଦେଶ) — ବିଜୟ ଭାଇ | Nigama Upadesha (Akshaya Trutiyaare Upadesha) — Bijoy Bhai |
| | ସଙ୍ଗୀତ - ନ ମିଶିଲେ ବାରିବିନ୍ଦୁ — ଜ୍ଞାନ ଭାଇ | Song – Na Misile Baari Bindu — Gyan Bhai |
| | ପୁସ୍ତକ ପାଠ — ବ୍ରଜ ଭାଇ | Book Reading — Braja Bhai |
| | ଭାବ ବିନିମୟ — ସ୍ମିତା ରା· ମା' | Bhaaba Binimaya — Smita R. Maa |
| | ଆସନ୍ତା ଅକ୍ଷୟ ତୃତୀୟା ପାଇଁ ନିମନ୍ତ୍ରଣ — ବିଜୟ ଭାଇ | Invitation for the next Akshaya Trutiya — Bijoy Bhai |
| | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ (୦୫-୧୯-୧୩) — ବିଭୁତି ଭାଇ | Invitation for the next puja (05-19-13) — Bibhuti Bhai |
| | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା — ସ୍ମିତା ରା· ମା' | Begging for forgiveness — Smita R. Maa |
| | ବିଦାୟ ପ୍ରାର୍ଥନା - ମିଛେ ମିଛେ ଘୁରି — ଶିବାନୀ ମ· ମା' | Last Song - Michhe Michhe Ghuri — Sibani M. Maa |
| | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru Naama Kirtana. Pranaama and Closing of Aasana |
| 10:20 – 10:30 | ଭୋଗ ନିବେଦନ ଓ ପ୍ରସାଦ ସେବନ | Bhoga Nibedana o Prasaada Sebana |

## ସାଗର ବେଳାରେ ଶାମୁକାଟିଏ ମୁଁ

ସାଗର ବେଳାରେ ଶାମୁକାଟିଏ ମୁଁ
ବାଲୁକା ଶେଯରେ ଶୋଇ
କେତେ ଆଶା ନେଇ ରହିଛି ଅନାଇଁ ତୁମକୁ ଦେଖିବା ପାଇଁ ! ।୦।

ପଡେ ଏବେ ମନେ ପ୍ରଥମ ଜୀବନେ
ଦେଖିଥିଲି ଦିନେ ତୁମକୁ ଗୋପନେ
ସାଗର କୂଳରେ ବୁଲୁଥିଲ ଯେବେ ସଞ୍ଜ ଆସୁଥିଲା ନଇଁ ।୧।

ସହିଛି ମୁଁ କେତେ ପ୍ରକୃତିର ଦାଉ
ନିରିମମ ସିନ୍ଧୁ ଅମାନିଆଁ ଢେଉ
ତଥାପି ବଞ୍ଚିଛି ସେହି କାଳୁ ପ୍ରଭୁ 'ଜୟଗୁରୁ' ନାମ ଗାଇ ।୨।

ଶ୍ରୀପଦ ସରୋଜ ଦେଖିବାକୁ ଥରେ
ପଡି ରହିଛି ଏ ବେଳାଭୂମି ପରେ
ସାର୍ଥକ କରିବି ଜୀବନ ମୋହର ଚରଣ ପରଶ ପାଇ ।୩।

ଆଶା କରିଛି ମୁଁ ଏ ଜୀବନଯାକ
କରିଦିଅ ପ୍ରଭୁ ତୁମରି ସେବକ
ଦୂର କର ଖେଦ ତୁମରି ଶ୍ରୀପଦ ସେବକ ଜୀବନ ଦେଇ ।୪।

## ଗୁରୁନାରାୟନ

ଗୁରୁନାରାୟନ କରି ନିବେଦନ
ଥାକେ ଯେନ ମନ ତବ ଶ୍ରୀଚରନେ
ଆମି ଅତି ଦୀନ ଭଜନ ବିହୀନ
କୃପା କର ପ୍ରଭୁ ତବ ନିଜ ଗୁନେ ।୦।

ଯେ ଭାବେ ଯେଖାନେ ଜୀବନେ ମରନେ
ମଜେ ଥାକି ଯେନ ତବ ଗୁନ ଗାନେ
(ତବ) ପ୍ରେମମୟ ମୂରତି ଯେନ ନିରବଧି
ଲେଗେ ଥାକେ ଆମାର ଏ ଦୁ'ଟି ନୟନେ ।୧।

(ଆମାର) ଦେହ ମନ ପ୍ରାନ କରି ସମର୍ପନ
ଅବିଚାରେ କରି ଆଦେଶ ପାଲନ
(ତାତେ) ଯାୟ ଯାକ ପ୍ରାନ ଓହେ ଭଗବାନ
(ଯେନ) ଭୁଲିନାଏଁ, ଭୁଲିନାଏଁ, ତୋମାର ହେନ ଧନେ ।୨।

(ସଦା) ତବ ନାମ ଜପି ତବ ରୂପ ଦେଖି
ତୋମାରି ଆନନ୍ଦେ ଆନନ୍ଦିତ ଥାକି
ତୋମାରି ସେବାୟ ଯେନ ଦିନ ଯାୟ
ଅନ୍ୟ ଆଶା ଯେନ ନା ଥାକେ ଜୀବନେ ।୩।

## ଗଙ୍ଗଶିଉଳି ମୁଁ ଅନାଇ ରହିଛି

ଗଙ୍ଗଶିଉଳି ମୁଁ ଅନାଇ ରହିଛି ସଞ୍ଜ ନଇଁଲା ବେଳେ
ପ୍ରିୟତମ ପଥ ଅନାଇ ବସିଛି
ଏଇ ଆସିଯିବ କାଳେ ।୦।

ଅଳୀକ ମହକ ସଉନ୍ଦର୍ଯ୍ୟହୀନ
ଦି-ଦିନର ଏହି ଜୀବନ-ଯୌବନ
ପଲକର ଯେଉଁ ପୁଲକ ଭରିଛି ଢାଳିବି ଚରଣ ତଳେ ।୧।

ଆସିବ ବୋଲି ମୁଁ ଆଗରୁ ଜାଣିଛି
ଚରଣେ ଝରିବି ଆଶା ମୁଁ ବାନ୍ଧିଛି
ଦେହ-ମନ-ପ୍ରାଣ ଅରପିବି ବୋଲି ପ୍ରୀତି-ପ୍ରଦୀପ ମୁଁ ଜାଳେ ।୨।

ଝରିବା ଆଗରୁ ଅନ୍ଧାର ବୁକୁରେ
ଝରି ଲାଗିଥିବି ତୁମ ଶ୍ରୀପଦରେ
ତୁମେ ପରା ପ୍ରିୟ ମୋ ପ୍ରାଣଠାକୁର ରଖ ମୋତେ ପାଦତଳେ ।୩।

## ମିଛେ ମିଛେ ଘୁରି ମରେଁ ମୁଁ ସିନା

ମିଛେ ମିଛେ ଘୁରି ମରେଁ ମୁଁ ସିନା
ଇଚ୍ଛାମୟ ତୁମେ ଯହିଁ ତହିଁ ଥାଅ
ସବୁ ଜାଣୁ ଜାଣୁ ମୁଁ ଯେ ଅଜଣା ।୦।

ଚଉକତି ଖୋଜିବୁଲେ ଦରଶନ ପାଇଁ
ତୁମେ ମୋତେ ଦେଖ ରଖ ବାରି ପାରେ ନାହିଁ
ଅତୁଳନ ସତେ ତୁମ କରୁଣା ।୧।

କୋଟି ଅପରାଧ ମୋର ନ ଧର ଗୋସାଇଁ
କ୍ଷମା କର ହସି ହସି କୋଳରେ ବସାଇ
ସେ ଆଦର କେ କରିବ କଳନା ।୨।

ମଥା ପାତି ନେବି ଯେବେ ଦିଅ ଦୁଃଖ ଭାର
ତେବେ ହେଲେ ନ ଛାଡିବି ସେ ବେନି ପୟର
ଆହା ବୋଲି ସାହା ହେବ ତ ଜଣା ।୩।

## ଏକ ଲକ୍ଷ୍ୟେ ଏକ ବାକ୍ୟେ

ଏକ ଲକ୍ଷ୍ୟେ ଏକ ବାକ୍ୟେ ଏକ ହୁଅ ଭାଇ !
ଧନ୍ୟ ହୁଅ ମୃତ୍ୟୁ ଜିଣା ମହାମନ୍ତ୍ର ଧ୍ୟାୟି, 'ଜୟଗୁରୁ' ଜୟ ଗାଇ ।୦।

ଜୀବନର ଯେତେ କାଳ ଗଲା ହସି ଖେଳି
କର୍ମ ହେଲା ଶେଷ ଆସ, ଆସ ବେଗେ ଚଳି, ସର୍ବେ ଏକ ଇଚ୍ଛା ଧରି ।୧।

ନୁହଁ କେହି ପାପୀ ତାପୀ ସର୍ବେ ଭାଗ୍ୟବାନ
ଦେଉଛନ୍ତି ଡାକ, ଉଠ, ଜାଗ ଭଗବାନ, ଜାଗ ଅମୃତ ସନ୍ତାନ ।୨।

ନୟନେ ଲୋତକ ଭର, ଅନ୍ତରେ ଭକତି
ହାତେ ଅଶିଥିଳ ମୁଷ୍ଟି, ବାହୁରେ ଶକତି, ଧର ବଜ୍ର ଦୃଢ଼ ମତି ।୩।

ବହୁମୂଲ୍ୟ ଉପଚାରେ ନାହିଁ ପ୍ରୟୋଜନ
ଥିଲେ ଆଣ ଦୁଃଖୀ ପାଇଁ ହୃଦେ ଏକ କୋଣ, ଥିଲେ ତିଳେ ହେଲେ ସ୍ଥାନ ।୪।

ନିଜେ ଅରଜିବା ଦ୍ରବ୍ୟେ କର କର ଅରଚନା
କଣ୍ଟା କି କୁସୁମ ହେଉ ନ କର ଶୋଚନା, ଖାଣ୍ଟି ହେଲେ ନାହିଁ ମନା ।୫।

ଅଛି ଯେବେ ତପ୍ତ ରକ୍ତ କି ସମବେଦନା
ଆସ ଧରି ଯିବା କରି ସଂଗ୍ରାମ ସାଧନା, ଏହି ଚରମ ସାଧନା ।୬।

ନାହିଁ ପରାଜୟ ଏଥି ନାହିଁ ଅପମାନ
ଅଜେୟ ଅସ୍ତ୍ର ଧାରଣେ ହୁଅ ଆଗୁଆନ, ତ୍ରିଭୁବନେ ବଳବାନ ।୭।

ଏକ ମନେ ଚାଲ ଭୟ ହୋଇବ ଖଣ୍ଡିତ
ବିଜୟ ଗୌରବେ ପଥ ହେଲାଣି ମଣ୍ଡିତ, ଗାଅ ବିଜୟ ସଙ୍ଗୀତ ।୮।

## ଆହା କି ସୁନ୍ଦର ରୂପ ମନୋହର

ଆହା କି ସୁନ୍ଦର ରୂପ ମନୋହର ମଣି ମରକତ ଝରେ
ଦେଖିଲା ଆଖି ଖୋଜି ବୁଲେ ତାକୁ, ଦେଖିଲା ନୟନ ଝୁରେ ।୦।

ମଦନ ମୋହନ ବଦନ ଦେଖି
ନ ରହିବ କାହା ନୟନ ଲାଖି ?
ପାଷାଣ ପରାଣ ତରଳି ପଡେ ତା ପ୍ରୀତି ବୋଳା ଚାହାଣୀରେ ।୧।

ରୂପ ଲାଗି ଯେବେ ଏତେ ଆକୁଳତା ବିରହ ଜାଗଇ ମନେ
କେତେ ପୁଲକିତ ନ ହେବ ପରାଣ ଅପରୂପ ଦରଶନେ !
ଭାବମୟ ତା'ର କମ ମୂରତି
ଜାଣିହୁଏ ନାହିଁ, ଟାଣେ ତା' କତି
କିଏ ସେ କଳିବ ସେ ଲାବଣ୍ୟ ଠାଣି ଅନୁଭବ ଯାରେ ହାରେ ।୨।

ତାହାରି ପାଇଁ ତ ରାଧା ଝୁରି ମଲା ଯମୁନା ରହିଛି ସାକ୍ଷୀ
ଲାଜ ଡର ସବୁ ଭୁଲି ଯାଇ ତାକୁ ଛାତିରେ ଧରିଲା ଜାକି
ବଇଁଶୀ କହିଲା ଶୁଣ ଗୋ ରାଇ
ତୁମେ ମୋ ପାଇଁ, ମୁଁ ତୁମ ପାଇଁ
ଗହନ ମନର ଦହନ ନାଶିବା ପ୍ରୀତି ରତି ସୁଖ ସାରେ ।୩।

ତା' ପ୍ରେମ ପାଶରେ ବାନ୍ଧି ହେଲେ ଥରେ ସେ ବନ୍ଧନ ଫିଟେ ନାହିଁ
ଅଧୀର ମନର ମଧୁର ଗଣ୍ଠି ସେ ପ୍ରେମ ଦିଆ ନିଆ ପାଇଁ
ମିଠା ମିଠା ଲାଗେ ମୂରତି ଯା'ର
ଆହୁରି ମଧୁର ପୀରତି ତା'ର
ଭାବ ନଉକା ରେ ବସି ପଡିଲେ ସେ ଭବ-ନଈ ପାର କରେ ।୪।